# Akashvani, Sambalpur

## SAMBALPURI NEWS EVENING BULLETIN

## 24 June 2024- 7.02 pm- 7.12 pm.

********************************************

୧- ୧୮ ନମ୍ବର୍ ଲୋକ୍‌ସଭାର ପହେଲା ଅଧିବେଶନ୍ ଆଏଜ୍‌ନୁ ହେଲା ମୁଲ୍ ।

- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ସହେତେ ନୂଆଁକରି ନିର୍ବାଚିତ ସଦସ୍ୟମାନେ ନେଇଛନ୍ ଶପଥ୍ ।

୨- ରାଏଜେ ଜାପାନିଜ୍ ଏନ୍‌ସେଫାଲାଇଟିସ୍, ଡିପ୍‌ଥେରିଆ ଆର୍ ଜଣ୍ଡିସ୍ ରୋଗର୍ ଥିତି ଆଉ ମୁକାବିଲା ବାବ୍‌ଦେ ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ ।

୩- ଆଳୁ, ପିଆଜ୍ ମହଜୁଦ୍‌କାରୀଙ୍କର୍ ଉପ୍‌ରେ ନଜର୍ ରଖିବାର୍‌କେ ଯୋଗାଣ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ।

ଆଉର୍

୪- ସମ୍ବଲ୍‌ପୁର୍ ଜିଲ୍ଲାର୍ ସବୁ ସର୍‌କାରୀ ଅନୁଷ୍ଠାନ୍ ଆଏବା ଡିସେମ୍ବର୍ ଶେଷ୍‌ତକ୍ ପାଏବେ ଜମି ପଟ୍ଟା - କହେଲେ ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ।

ପ୍ରଧାନ୍‌ମନ୍ତ୍ରୀ- ଲୋକ୍‌ସଭା ଆର୍‌ଏନ୍‌ୟୁ/ କଟକ୍

୧୮ ନମ୍ବର୍ ଲୋକ୍‌ସଭାର୍ ପହେଲା ଅଧିବେଶନ୍ ଆଏଜ୍ ମୁଲ୍ ହେଇଛେ । ପହେଲା ରାଷ୍ଟ୍ରପତି ଭବନ୍ ନ ବିଜେପିର୍ ବରିଷ୍ଠ ସଦସ୍ୟ ଆଉ ସାଂସଦ୍ ଭର୍ତୃହରି ମହତାବ୍ କାମଚଲା ବାଚସ୍ପତି ଭାବେ ଶପଥ୍ ନେଇଥିଲେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶ୍ରୀ ମହତାବ୍‌ଙ୍କୁ ପଦ ଆଉ ଗୋପନୀୟତାର ଶପଥ୍ ପାଠ କରେଇଥିଲେ । ଇତାର୍ ଉତ୍‌ରୁ ଶ୍ରୀ ମହତାବ୍ ଲୋକ୍‌ସଭା ନ ନୂଆଁକରି ନିର୍ବାଚିତ ହେଇଥିବା ସାଂସଦ୍‌ମାନ୍‌କୁ ଶପଥ୍ ପାଠ୍ କରେଇଥିଲେ । ପହେଲା ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ପଦ ଆଉ ଗୋପନୀୟତାର ଶପଥ୍ ପାଠ କରିଛନ୍ । ଆଏବା ୨୬ ତାରିଖ୍ ଦିନ ଲୋକ୍‌ସଭାର ବାଚସ୍ପତି ନିର୍ବାଚନ୍ ହେବା । ରାଜ୍ୟସଭାର୍ ଅଧିବେଶନ୍ ଅଧିବେଶନ୍ ଆଏବା ୨୭ ତାରିଖ୍ ଦିନ ମୁଲ୍ ହେବାର୍‌କେ ଥିବାର୍ ବେଲେ ସେହିଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦ୍‌ର ମିଲିତ୍ ଅଧିବେଶନ୍‌କେ ସମ୍ବୋଧନ୍ କର୍‌ବେ । ଇ ସ୍ୱତନ୍ତ୍ର ଅଧିବେଶନ୍ ଜୁଲାଇ ୩ ତାରିଖ୍ ଦିନ ଶେଷ୍ ହେବା ।

ଆଏଜ୍ ଅଧିବେଶନ୍ ଆରମ୍ଭ ହେବାର୍ ଆଘୋନୁ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ ଯେ, ସଂସଦୀୟ ଗଣତନ୍ତ୍ରଥି ଆଏଜ୍ ଗୁଟେ ଗୌରବମୟ ଦିବସ୍ ଆଏ । ସେ

କହିଛନ୍ ଯେ, ଦେଶ୍ ସ୍ୱାଧୀନ୍ ହେବାର୍ ଉତ୍ରୁ ପହେଲା ଥର୍ ଲାଗି ନୂଆଁ ସଂସଦ୍ ଭବନ୍ଥି ଶପଥ୍ ଗ୍ରହଣ୍ ପ୍ରକ୍ରିୟା ହେଉଛେ ।

ଇ ଅବ୍ସରେ ପ୍ରଧାନ୍ମନ୍ତ୍ରୀ ଶ୍ରୀ ମୋଦୀ ପହେଲା ଥର୍ ଲାଗି ସାଂସଦ୍ ଭାବେ ନିର୍ବାଚିତ୍ ହେଇଥିବା ସଦସ୍ୟମାନ୍କୁ ଅଭିନନ୍ଦନ୍ ଜନେଇଛନ୍ । ସେ କହିଛନ୍ ଯେ, ଦେଶ୍ ସେମାନ୍କର୍ନୁ ବହୁତ୍ କିଛି ଆଶା କରୁଛେ । ଦେଶ୍‌ବାସୀ ସେମାନ୍କୁ ଦେଇଥିବା ଦାୟିତ୍ୱ ସମର୍ପଣ୍ ସହେତେ ପୁରା କର୍ବାର୍ ଲାଗି ସେମାନେ ଚେଷ୍ଟା କର୍ବେ ବଲି ପ୍ରଧାନ୍ମନ୍ତ୍ରୀ ଆଶା କରିଛନ୍ ।

ସଂସଦ୍ ଶପଥ୍ ଗ୍ରହଣ୍ ଆର୍ଏନ୍ୟୁ/ କଟକ୍

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ଲୋକ୍ସଭା ସଦସ୍ୟ ଭାବେ ଶପଥ୍ ନେଇଛନ୍ । କାମ୍‌ଚଲା ବାଚସ୍ପତି ଭର୍ତୃହରି ମହତାବ୍ ତାଙ୍କୁ ଶପଥ୍ ପାଠ୍ କରେଇଥିଲେ । ଶ୍ରୀ ପ୍ରଧାନ୍ ଓଡ଼ିଆ ଭାଷାଥି ଶପଥ୍ ନେଇଥିଲେ । ଶପଥ୍ ନେବାର୍ ଉତ୍ରୁ ସେ ସାମାଜିକ ଗଣମାଧ୍ୟମ୍ ପୋଷ୍ଟ୍‌ଥି କହିଛନ୍ ଯେ, ୧୮ ନମ୍ବର୍ ଲୋକ୍ସଭାର ସଦସ୍ୟ ଭାବେ ଶପଥ୍ ନେଇଥିବାର୍ନୁ ସେ ଗୌରବ୍ ଅନୁଭବ୍ କରୁଛନ୍ । ଲୁକ୍କର୍ ଆକାଂକ୍ଷା ପୁରା କର୍ବାର୍ ସହେତେ ସାମର୍ଥ୍ୟ ଅନ୍ସାରେ

ସମାଜ୍‌ର ସେବା କର୍‌ବାର୍ ଲାଗି ସବୁବେଲେ ଚେଷ୍ଟା କର୍‌ବେ ବଲି ସେ କହିଛନ୍ । ସେଆଡ଼େ ଲୋକ୍‌ସଭା ସଦସ୍ୟ ଭାବେ ଆଏଜ୍ କେନ୍ଦ୍ର ଆଦିବାସୀ ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍ ଓଡ଼ିଆ ଭାଷାଥି ଶପଥ୍ ନେଇଛନ୍ । ସେ କହିଛନ୍ ଯେ, ଲୁକ୍‌କର୍ ଆଶା ପୁରା କର୍‌ବାର୍ ଦିଗେ ସେ ଚେଷ୍ଟା କର୍‌ବେ ।

ମୁଖ୍ୟମନ୍ତ୍ରୀ- କେନ୍ଦୁଝର୍ ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କେନ୍ଦୁଝର୍ ଜିଲ୍ଲା ଗସ୍ତର ୨ ନମ୍ବର୍ ଦିନ ଆଏଜ୍ ନିଜର୍ ଜନ୍ମମାଟି ରାଇକଲା ଯାଇଥିଲେ । ସେନ ମୁଖ୍ୟମନ୍ତ୍ରୀ ଗୁଟେ ରୋଡ୍ ସୋ କରିଥିଲେ । ତାର୍ ଉତ୍‌ରୁ ଝୁମ୍ପୁରାର ଦୁର୍ଗାପଡ଼ିଆ ନ ଗୁଟେ ସଭାଥି ଉଦ୍‌ବୋଧନ୍ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଲୋକ୍‌ମାନ୍‌କର୍ ନ ଅଭିଯୋଗ୍ ଶୁନ୍‌ବାର୍ ଉତ୍‌ରୁ ଭୁବ୍‌ନେଶ୍ୱର୍ ଫିରିଯାଇଛନ୍ ।

ସ୍ୱାସ୍ଥ୍ୟ ବିଭାଗ୍ ସମୀକ୍ଷା ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଜାପାନିଜ୍ ଏନ୍‌ସେଫାଲାଇଟିସ୍, ଡିପ୍‌ଥେରିଆ ଆର୍ ଜଣ୍ଡିସ୍ ରୋଗର ମୁକାବିଲା ନେଇକରି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍‌ଙ୍କର୍ ଅଧ୍ୟକ୍ଷତାଥି ଭିଡ଼ିଓ କନ୍‌ଫରେନ୍ସିଂ ଜରିଏ ଗୁଟେ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ହେଇଯାଇଛେ । ଇ ରୋଗମାନ୍‌କେ ଆଏତ୍ କର୍‌ବାର୍ ଲାଗି କେନ୍ କେନ୍ ପଦକ୍ଷେପ୍ ନିଆଯାଇଛେ ଆଉ ଆଏବା ଦିନେ ନିଆଯିବାର୍‌କେ ଥିବାର୍ ଭିନ୍ ଭିନ୍ ପଦକ୍ଷେପ୍ ବାବ୍‌ଦେ ବୈଠକ୍‌ଥି ଟିକିନିଖି ଆଲୋଚନା କରାଯାଇଛେ । ଇ ବୈଠକ୍‌ଥି ସ୍ୱତନ୍ତ୍ର ସଚିବ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ଅନୁଗୁଲ୍, ରାୟଗଡ଼ା ଆଉ ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ଉପସ୍ଥିତ୍ ଥିଲେ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୦ ତାରିଖ୍ ରଏବାର୍ ଦିନ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇଟା ତାଙ୍କର୍ ଶହେ ୧୧ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ନରେନ୍ଦ୍ର ମୋଦୀ ଆପ୍ କି ମାଇ ଗଭ୍ ଓପନ୍ ଫୋରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଲୁକ୍‌କର୍ ଠାନୁ ଆଏବା ୨୮ ତାରିଖ୍‌ତକ୍ ମତାମତ୍ ଆହ୍ୱାନ୍ କରିଛନ୍ । ଇତାର୍‌ଛଡ଼ା ମାହାଲିଆ ଫୋନ୍ ନମ୍ବର୍ ୧୮୦୦-

୧୧-୭୮୦୦ କେ ଡାଏଲ୍ କରିକରି ସେମାନେ ସେମାନ୍‌କର୍ ସନ୍ଦେଶ୍ ହିନ୍ଦୀ କି ଇଂରାଜୀଥି ରେକର୍ଡ୍ କରେଇପାର୍‌ବେ । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଶୁନାଯାଇପାର୍‌ବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷଥି ଇତାର୍ ପ୍ରସାରଣ୍ କରାଯିବା ।

ଆଲୁ ପିଆଜ ସମୀକ୍ଷା ବୈଠକ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଆଲୁ ଆର୍ ପିଆଜ୍ ମହଜୁଦ୍‌କାରୀଙ୍କର୍ ଉପ୍‌ରେ ନଜର୍ ରଖ୍‌ବାର୍ ଲାଗି ସବୁ ଜିଲ୍ଲା ଯୋଗାଣ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଆଏଜ୍ ଆଲୁ ଆଉ ପିଆଜ୍‌ର ଦାମ୍ ବଢ଼୍‌ବାର୍ ଉପ୍‌ରେ ସମୀକ୍ଷା କରିକରି ଶ୍ରୀ ପାତ୍ର କହିଛନ୍ ଯେ, ନାସିକ୍‌ନୁ ପିଆଜ୍ କୁଇଂଟାଲ୍ ପିଛା ୨ ହଜାର୍ ୯ ଶହ ୩୫ ଟଙ୍କାଥି ଘିନାଯାଉଥିବାର୍ ବେଲେ ଖୁଚୁରା ବଜାର୍‌ଥି ଇତାର୍ ଦାମ୍ କେଜିକ ୪୦ ଟଙ୍କା ରହିଛେ । ଆଏବା ଦିନେ ଆଲୁ ଆଉ ପିଆଜ୍ ଯୁଗାବାର୍ ଲାଗି ନାଫେଡ୍‌କେ କୁହାଯିବା । ରାଜ୍ୟର୍ ଫି ବ୍ଲକ୍ ନ

ଶୀତଳଭଣ୍ଡାର୍ ତିଆର୍ ହେବାର୍ ବାବ୍‌ଦେ ମୁଖ୍ୟମନ୍ତ୍ରୀଙ୍କର୍ ସାଙ୍ଗେ ଆଲୋଚନା ହେଇଛେ ବଲି ଶ୍ରୀ ପାତ୍ର କହିଛନ୍ ।

ରାଜସ୍ୱ ମନ୍ତ୍ରୀ- ସର୍‌କାରୀ ଜମି ପଟ୍ଟା ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲାର୍ ସବୁ ସର୍‌କାରୀ ଅନୁଷ୍ଠାନ୍ ଆଏବା ଡିସେମ୍ବର୍ ଶେଷ୍‌ତକ୍ ନିଜର୍ ଜମି ପଟ୍ଟା ପାଏବେ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଲୟ ନ ରାଜସ୍ୱ ବିଭାଗ୍ ଆଉ ଶିକ୍ଷାନୁଷ୍ଠାନର ଅଧିକାରୀମାନ୍‌କୁ ନେଇକରି ସମୀକ୍ଷା ଉତ୍‌ରୁ ଶ୍ରୀ ପୂଜାରୀ କହିଛନ୍ ଯେ, ଭିସୁଟ୍, ଭିମସାର୍, ଆଇଆଇଏମ୍, ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଲୟ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଲୟ, ଜିଏମ୍ ୟୁନିଭର୍‌ସିଟି ସହେତେ ସବୁ ସର୍‌କାରୀ ଅନୁଷ୍ଠାନ୍ ସେମାନ୍‌କର୍ ଜମି ପଟ୍ଟା ପାଏବେ । ପ୍ରସ୍ତାବିତ୍ ଆଉ ବଂଟାଯାଇଥିବା ଜମି ଜବର୍‌ଦଖଲ୍‌ଥି ଥିଲେ ଉଚ୍ଛେଦ୍ କରାଯିବା । ଶିକ୍ଷାନୁଷ୍ଠାନ୍ ଲାଗି ଆଉ କେତେ ଜମି ଦର୍‌କାର୍ ସେ ବାବ୍‌ଦେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ମତାମତ ମାଗିଛନ୍ । ଇତାର୍‌ସହେତେ କେନ୍‌ଠାନେ କେତେ ଜମି ଅଛେ ଆଉ ସେସବୁ ଯୁଗେଇ ଦେବାର୍ ଲାଗି ସୁବିଧା ହେବା ସେଟା ଚିହ୍ନଟ୍ କର୍‌ବାର୍‌କେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ - ଆର୍‌ଡିସି, ଜିଲ୍ଲାପାଳ୍ ଆର୍ ତହସିଲ୍‌ଦାର୍‌ମାନ୍‌କୁ ନିର୍ଦ୍ଦେଶ୍

ଦେଇଛନ୍ । ହେଲେ ପହେଲା ଖେପେ ହାଇସ୍କୁଲ୍, ଉଚ୍ଚତର ମାଧ୍ୟମିକ ସ୍କୁଲ୍, କଲେଜ୍ ଆର୍ ବିଶ୍ୱବିଦ୍ୟାଳୟର୍ ଜମି ଉପ୍‌ରେ କାମ୍ ହେବା ବଲି ଆର୍‌ଡିସି ଶ୍ରୀକାନ୍ତ ପୃଷ୍ଟି କହିଛନ୍ ।

ବିଜ୍ଞାନ୍ ଆଉ କାରିଗରି ବିଭାଗ-ମନ୍ତ୍ରୀ ସମୀକ୍ଷା

ସୂଚନା , ଲୋକସମ୍ପର୍କ ବିଭାଗ୍

ବିଜ୍ଞାନ୍ ଆଉ କାରିଗରି ବିଭାଗ୍‌କେ ଅଏତ୍‌କା କ୍ରିୟାଶୀଳ କର୍‌ବାର୍ ସହେତେ କାର୍ଯ୍ୟକ୍ରମ୍ ମାନ୍‌କୁ ସଂପ୍ରସାରିତ୍ କର୍‌ବାର୍ ଉପ୍‌ରେ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜୋର୍ ଦେଇଛନ୍ । ଆଏଜ୍ ସଖାଲ୍‌ବେଲା ବିଜ୍ଞାନ୍ ଆଉ କାରିଗରି ବିଭାଗ୍ ପରିଦର୍ଶନ୍ କର୍‌ବାର୍ ସହେତେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ର ସମୀକ୍ଷା କରିକରି ଶ୍ରୀ ପାତ୍ର ବିଜ୍ଞାନ୍ ଯୋଗାଯୋଗ ସହେତେ ଇନୋଭେସନ୍ ହବ୍, ସାଇନ୍ସପାର୍କ ଆଉ ମ୍ୟୁଜିୟମ୍ ପ୍ରତିଷ୍ଠା ସହେତେ ଜିଲ୍ଲାସ୍ତର୍ ନ ବିଜ୍ଞାନ୍ ଉତ୍ସବ୍ ଆୟୋଜନ୍ କର୍‌ବାର୍‌କେ ପରାମର୍ଶ ଦେଇଛନ୍ । ଇତାର୍‌ଛଡ଼ା କାର୍ଯ୍ୟକାରୀ ହେଉଥିବା ଭିନ୍ ଭିନ୍ ଯୋଜ୍‌ନା ଆଉ କାର୍ଯ୍ୟକ୍ରମ୍ ମାନ୍‌କର୍ ସଫଲ୍ ରୂପାୟନ୍ ଉପ୍‌ରେ ଜୋର୍ ଦେଇକରି ପରିବେଶ୍ ସୁରକ୍ଷା ଆଉ ଖର୍ଚ୍ଚା କମାବାର୍‌କେ ନଜର୍‌ଥି ରଖିକରି ଉପକୂଳ କୃଷିର ବିକାଶ୍

ଲାଗି ସୌର ପବନ, ହାଇବ୍ରିଡ୍ ବ୍ୟବସ୍ଥାଥି ଅକ୍ଷୟଶକ୍ତି ଉତ୍ପାଦନ୍‌କେ ତହଁକାବାର୍ ଲାଗି ମନ୍ତ୍ରୀ ଶ୍ରୀ ପାତ୍ର ପରାମର୍ଶ ଦେଇଛନ୍ ।

ଦାୟିତ୍ୱ ଗ୍ରହଣ        ଆର୍‌ଏନ୍‌ୟୁ/ କଟକ୍

ପୂର୍ତ ଆଇନ୍ ଆଉ ଅବକାରୀମନ୍ତ୍ରୀ ଭାବେ ପୃଥ୍ୱୀରାଜ୍ ହରିଚନ୍ଦନ୍ ଆଏଜ୍ ଲୋକସେବା ଭବନ୍ ନ ଦାୟିତ୍ୱ ନେଇଛନ୍ । ଇ ଅବ୍‌ସରେ ୩ଟା ବିଭାଗ୍ କେନ୍ତା ରାଜ୍ୟବାସୀଙ୍କର୍ ସେବାଥି ଲାଗିପାର୍‌ବା । ସେଟା ତାଙ୍କର୍ ପ୍ରାଥମିକତା ହେବା ବଲି ସେ କହିଛନ୍ । ରାଜ୍ୟର୍ ବିକାଶ୍ ଲାଗି ଶହେ ଦିନିଆ, ବର୍ଷିକିଆ ଆର୍ ୫ ବର୍ଷିଆ ରଣନୀତି ତିଆର୍ କରାଯାଇଛେ ବଲି ସେ କହିଛନ୍ । ପୁରୀ ଶ୍ରୀମନ୍ଦିର୍‌ର ରତ୍ନଭଣ୍ଡାର୍ ବାବ୍‌ଦେ ସେ କହିଛନ୍ ଯେ, ରତ୍ନଭଣ୍ଡାର୍ ନିଶ୍ଚିତ୍ ଭାବେ ଖୁଲାଯିବା । ଇ ଦିଗେ ସର୍‌କାର୍ ନିଷ୍ପତି ନେବାର୍ ଆରମ୍ଭ କରିଛନ୍ ବଲି ସେ କହିଛନ୍ ।

ରକ୍ତହୀନତା ନିରାକରଣ୍        ଆର୍‌ଏନ୍‌ୟୁ/ସମ୍ବଲପୁର

ରାଏଜେ ରକ୍ତଶିକୁଳି ଲାଗି ରକ୍ତହୀନତା ନିରାକରଣ୍ ସଚେତନତା ଅଭିଯାନ୍ ଚାଲିଛେ । ଇଟା ଆଏବା ୩ ତାରିଖ୍‌ତକ୍ ଚାଲ୍‌ବା । ଇଥି ଭିନ୍ ଭିନ୍ ଜିଲ୍ଲା ନ ରକ୍ତଶିକୁଳି ରୋଗର ନିରାକରଣ୍ ଲାଗି ବ୍ୟାପକ୍ ପ୍ରଚାର୍ ପ୍ରସାର୍ କର୍‌ବାର୍ ଉପ୍‌ରେ ଜୋର୍ ଦିଆଯାଉଛେ । ୨୦୪୭ ମସିହାତକ୍ ରକ୍ତଶିକୁଳି ରୋଗର ପୁରାପୁରି ନିରାକରଣ୍ ଲାଗି ସର୍‌କାର୍ ଲକ୍ଷ୍ୟ ରଖିଛନ୍ ।
(ପ୍ରୋମୋ)

ସମ୍ବଲ୍‌ପୁର - ଜଣ୍ଡିସ୍ ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲପୁର୍ ମହାନଗର୍ ଇଲାକା ନ ଜଣ୍ଡିସ୍ ଆକ୍ରାନ୍ତଙ୍କର୍ ସଂଖ୍ୟା ୮୨ କେ ପୁହୁଁଚିଛେ । ଗଲା ୨୪ ଘଂଟା ଭିତ୍‌ରେ ୮ ଝନ୍ ଜଣ୍ଡିସ୍ ଆକ୍ରାନ୍ତ ହେଇଛନ୍ । ପ୍ରାଥମିକ୍ ଭାବେ ଗୁପ୍‌ଚୁପ୍, ଦହିବରା ଆର୍ ଚୁସ୍‌କି ଖାଏବାର୍ ଲାଗି ଇ ସଂକ୍ରମଣ୍ ଚାପିଥିବାର୍ କୁହାଯାଇଛେ । ସହରର୍ କୁମ୍ଭାର୍‌ପଡ଼ା, ସାଲିଆବଗିଚା, ପେନ୍‌ସନ୍‌ପଡ଼ା ଆର୍ ଧୁବାପଡ଼ା ଇଲାକା ନ ଇ ସଂକ୍ରମିତ ମାନେ ଚିହ୍ନଟ୍ ହେଇଛନ୍ । ସଂକ୍ରମିତ ମାନ୍‌କର୍ ଭିତ୍‌ରେ ବହୁତ୍‌ଟେ ଛୁଆ ଥିବାର୍ ଜନାପଡ଼ିଛେ ।
ସେଆଡ଼େ ଜିଲ୍ଲା ନ ପିଇବାର୍ ପାନିର୍ ନମୁନା ପରୀକ୍ଷା ଚାଲିଥିବା

ଜିଲ୍ଲାପାଳ୍ ଅକ୍ଷୟ ସୁନୀଲ୍ ଅଗ୍ରୱାଲ୍ କହିଛନ୍ । ରିପୋର୍ଟ

ଆସ୍‌ବାର୍ ଉତ୍‌ରୁ ଭିନ୍ ଭିନ୍ ଇଲାକା ନ ପ୍ରଶାସନ୍ ତର୍‌ଫୁ ଲୋକ୍‌ମାନ୍‌କୁ ସଚେତନ୍ କରାଯାଉଛେ । ଏଛେନ୍ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ସଂକ୍ରମିତ ଇଲାକା ନ ଘର୍‌କେ ଘର୍ ବୁଲିକରି ସର୍ଭେ କାମ୍ ଚାଲିଛେ । ସୂଚ୍‌ନା ଅନ୍‌ସାରେ ଏଛେନ୍‌ତକ୍ ସଂକ୍ରମିତଙ୍କର୍ ଭିତ୍‌ରୁ କେହି ଡାକ୍ତର୍‌ଖାନାଥି ଭର୍ତି ନାଇଁ ହେଇ ।

ଆଇଆଇଏମ୍ ସମ୍ବଲ୍‌ପୁର                ସମ୍ବଲପୁର୍ ସମ୍ବାଦଦାତା

ଆଇଆଇଏମ୍ ସମ୍ବଲ୍‌ପୁର୍ ତର୍‌ଫୁ ମାଲବ୍ୟ ମିଶନ୍ ଶିକ୍ଷକ୍ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍‌ଥି ଭବିଷ୍ୟତ୍ ନେତୃତ୍ୱ କାର୍ଯ୍ୟକ୍ରମ୍ ସମୃଦ୍ଧିକରଣ୍ ହେଇଯାଇଛେ । ଉଚ୍ଚଶିକ୍ଷାନୁଷ୍ଠାନ୍ ଭିତ୍‌ରେ ପ୍ରଶାସନିକ ଆଉ ଶିକ୍ଷାଗତ ଭୂମିକାଥି ପ୍ରଭାବଶାଲୀ ନେତୃତ୍ୱ ଲାଗି ଭିନ୍ ଭିନ୍ ବିଶ୍ୱବିଦ୍ୟାଳୟର୍ ଅଧ୍ୟାପକ ମାନ୍‌କୁ ବୈଷୟିକ, ପରିଚାଳନାଗତ ଆଉ ଆନ୍ତର୍ଜାତିକ ସ୍ତର୍‌ଥି ଦକ୍ଷ କର୍‌ବାର୍ ଲାଗି ଇ କାର୍ଯ୍ୟକ୍ରମ୍ କରାଯାଇଥିଲା । ପହେଲା ଅଧିବେଶନ୍‌ଥି ଆଇଆଇଏମ୍ ସମ୍ବଲ୍‌ପୁର୍ ନିର୍ଦ୍ଦେଶକ୍ ପ୍ରଫେସର୍ ମହାଦେଓ ଜୟଶ୍ୱାଲ୍‌ଙ୍କର୍ ନେତୃତ୍ୱଥି 'ଶୈକ୍ଷିକ ପ୍ରଶାସନ୍ ଆଉ ଏକବିଂଶ ଶତାବ୍ଦୀ ଶିକ୍ଷା ଲାଗି ରଣନୀତିକ ନେତୃତ୍ୱ' ଶୀର୍ଷକ କାର୍ଯ୍ୟକ୍ରମ୍ ହେଇଥିଲା ।